بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୭ ମାର୍ଚ୍ଚ ୨୦୨୫ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

**ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ମୁଖରୁ ନିଃସୃତ ବାଣୀ (ହଦିସ୍) ଓ ହଜରତ ମସିହ ମଉଦ [ଅ.ସ]ଙ୍କ ନୀତିଶିକ୍ଷା ଆଲୋକରେ ପ୍ରାର୍ଥନାର ଗୁରୁତ୍ୱ ବର୍ଣ୍ଣନା ଏବଂ ପବିତ୍ର ରମଜାନ ମାସ ଉପଲକ୍ଷରେ ସଦସ୍ୟବୃନ୍ଦଙ୍କୁ ମହତପୂର୍ଣ୍ଣ ଉପଦେଶ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରାଃ ବକରା'ର ଆୟତ ସଂଖ୍ୟା ୧୮୭ର ଆବୃତ୍ତି କରି ତାହାର ଅନୁବାଦ ଉପସ୍ଥାପନ କରି କହିଲେ; ଯେବେ ଆମ୍ଭ ଭକ୍ତଗଣ ତୁମ୍ଭକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ (କୁହ) ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ଆମ୍ଭେ ଦୁଆକାରୀଙ୍କ ଦୁଆର ଉତ୍ତର ଦେଇଥାଉ ଯେବେ ସେ ଆମ୍ଭକୁ ଡାକିଥାଏ । ସୁତରାଂ ଆମ୍ଭ ଆଦେଶ ପାଳନ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ଯଦ୍ୱାରା ସେମାନେ ସତ୍‌ପଥଗାମୀ ହେବେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ପବିତ୍ର ରମଜାନ ମାସ ଆରମ୍ଭ ହେବା ମାତ୍ରେ ମନରେ ଏହି ଭାବନା ଉତ୍ପନ୍ନ ହୋଇଯାଏ ଯେ, (ଏବେ) ନମାଜ ପ୍ରତି ମନୋଯୋଗ କରିବା କାରଣ ଏହା କଲ୍ୟାଣମୟ ମାସ । ତେଣୁ ସାଧାରଣତଃ ଲୋକମାନେ ମସଜିଦ୍ ଆଡ଼କୁ ମୁହାଁଇ ଥାନ୍ତି । ଏହା ଅଲ୍ଲାଃତାଲାଙ୍କର କୃପା ଯେ, ଅତି କମ୍‌ରେ ଏହି ମାସରେ ଲୋକମାନଙ୍କୁ ମନେ ପଡିଥାଏ କି ଆମ୍ଭକୁ (ଶେଷରେ) ନିଜ ପାଳନକର୍ତ୍ତାଙ୍କ ନିକଟକୁ ଫେରି ଯିବାର ଅଛି ।

ଅଲ୍ଲାଃତାଲା କୁହନ୍ତି; ଆମ୍ଭେ ପବିତ୍ର ରମଜାନ ମାସରେ ନର୍କର ଦ୍ୱାର ବନ୍ଦ କରି ଦେଇଥାଉ, ଆଉ ଶୈତାନକୁ କବଳିତ କରିଦେଇଥାଉ ତଥା ଜନ୍ନତର ଦ୍ୱାର ଉନ୍ମୁକ୍ତ କରି ଦେଇଥାଉ । **ଏଥିରୁ ଲୋକମାନେ ମନେ କରିଥାନ୍ତି ଯେ, କେବଳ ରମଜାନ ମାସରେ ଉପାସନ କରିବା ଜରୁରୀ, ଏହା ଏକ ଭ୍ରମ ଧାରଣା** । ରମଜାନ ମାସରେ ଅଲ୍ଲାଃତାଲା ନିଜର ଉପାସନ କରିବାକୁ ଏଥିସକାଶେ ଧ୍ୟାନ ଆକର୍ଷିତ କରିଛନ୍ତି, ଯଦ୍ୱାରା ତୁମେ ତାହାକୁ ନିଜ ଜୀବନର ଅଂଶ ବିଶେଷ ରୂପେ ଗ୍ରହଣ କରିନେବ । ଆଉ ଯଦି ଏପରି ନୁହେଁ ତେବେ କେବଳ ରମଜାନ ମାସରେ (ଅଲ୍ଲାଃତାଲାଙ୍କର) ଉପାସନା କଲେ କୌଣସି ସୁଫଳ ମିଳିବ ନାହିଁ ।

ପବିତ୍ର ଅବତାର ହଜରତ ମୁହମ୍ମଦ[ସ.ଅ] କହିଲେ; ଯେଉଁ ବ୍ୟକ୍ତି (ଆମ୍ଭ ଉପରେ) ବିଶ୍ୱାସ ରଖି ପୁଣ୍ୟ ଅର୍ଜନ କରିବା ଉଦ୍ଦେଶ୍ୟରେ ରମଜାନ ମାସର ରାତିଗୁଡ଼ିକରେ ନିଦରୁ ଉଠି ନମାଜ ପାଠ କରିଥାଏ ତେବେ ତାହାର ପୂର୍ବ ଅପକର୍ମ ଓ ପାପ କ୍ଷମା କରିଦିଆ ଯାଇଥାଏ । ଐଶ୍ୱର୍ଯ୍ୟମୟ ଅଲ୍ଲାଃ ତ ପରମ ଦୟାଳୁ, ବାସ୍ତବରେ ସେ ଆମକୁ ଏହି ଅବସର ପ୍ରଦାନ କରିଛନ୍ତି ଯେ, ଯଦି ବର୍ଷକ ମଧ୍ୟରେ ତୁମ ଦ୍ୱାରା କୌଣସି ତ୍ରୁଟି ସାଧିତ ହୋଇଯାଇଛି ତେବେ ତୁମେ ନୂତନ ରୂପେ ଏହି ଶପଥ କର ଯେ, ଆସନ୍ତାରେ ତୁମେ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରିବ ଏବଂ ସେ ସମସ୍ତ ସତ୍‌କର୍ମ କରିବ ଯାହା କରିବାକୁ ଅଲ୍ଲାଃତାଲା ତୁମମାନଙ୍କୁ ଆଦେଶ ଦେଇଛନ୍ତି ତେବେ ସେ ତୁମ ପ୍ରତି କୃପାଶିଷ ପୂର୍ବକ ଢ଼ଳିବେ । ଉପରୋକ୍ତ ଆୟତରେ ଅଲ୍ଲାଃତାଲା ଯେପରିକି କହିଛନ୍ତି; "ଯେବେ ଆମ୍ଭ ଭକ୍ତଗଣ ତୁମ୍ଭକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ" ଏଠାରେ ଭକ୍ତଗଣରୁ ଯର୍ଥାଥ ହେଉଛି, ଇଶ୍ୱର ପ୍ରେମୀ । ତେବେ କୌଣସି ପ୍ରେମିକ ଏପରି ତ ହୋଇ ନଥାଏ ଯେ, ୧୧ମାସ ପର୍ଯ୍ୟନ୍ତ ତାହାକୁ ପ୍ରେମ (କରିବା କଥା) ମନେପଡି ନଥାଏ କିନ୍ତୁ ମାତ୍ର ଗୋଟିଏ ମାସ ନିଜ

ପ୍ରେମର ପରିପ୍ରକାଶ କରିଥାଏ । ତେଣୁ ଆମମାନଙ୍କୁ ଏହି ଦୁଆ କରୁଥିବା ଉଚିତ୍ ଯେ, ହେ ମୋର ପାଳନକର୍ତ୍ତା ! ଆମ୍ଭକୁ ନିଜ ସାମିପ୍ୟତା ପ୍ରଦାନ କର । ଆମ୍ଭକୁ ସ୍ୱୀକୃତ ହେବା ଦୁଆର ଶକ୍ତି ପ୍ରଦାନ କର ।

ଅଲ୍ଲାଃତାଲା ପବିତ୍ର କୁରଆନରେ ବାରମ୍ବାର ନିଜର ଓ ନିଜ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଆକର୍ଷିତ କରିଛନ୍ତି । ହଜରତ ମସିହ ମଉଦ[ଅ.ସ] ଗୋଟିଏ ସ୍ଥାନରେ କହିଛନ୍ତି; ପବିତ୍ର କୁରଆନରେ ୭୦୦ଗୋଟି ଆଦେଶ ରହିଛି । ବରଂ ଆଉ ଏକ ସ୍ଥାନରେ କହିଲେ; ୭୦୦ରୁ ଊର୍ଦ୍ଧ୍ୱ ଆଦେଶ ରହିଛି । ରମଜାନ ମାସରେ ଯେତେବେଳେ ଆମେ ପବିତ୍ର କୁରଆନ ପାଠ କରିବା ସେତେବେଳେ ଆମେ ସେହି ଆଦେଶ ଓ ନିଷେଦ୍ଧାଦେଶ ମଧ୍ୟ ଅନ୍ୱେଷଣ କରିବା । ଆଉ ତଦ୍‌ନୁଯାୟୀ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବା । **ଏହା ହିଁ ଜଣେ ସତ୍ୟନିଷ୍ଠ ପ୍ରେମିକର କାର୍ଯ୍ୟ ।**

ଅଲ୍ଲାଃତାଲା କୁହନ୍ତି; ବିଶ୍ୱାସ ଓ ସତ୍‌କର୍ମ ଏପରି ପ୍ରସଙ୍ଗ ଯାହାକି ଏକାଧାରାରେ ଚାଲିଥାଏ । ଯେତେବେଳେ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ସ୍ଥାପନ କରି ତାଙ୍କ ଆଦେଶ ପାଳନ କରିବ ତେବେ ଫଳତଃ ତାଙ୍କର ଶଖା ହୋଇଯିବ । ଆଉ ଯେତେବେଳେ ପରମେଶ୍ୱରଙ୍କ ସହିତ ବନ୍ଧୁତା ହୋଇଯାଏ ତେବେ ତାଙ୍କ ସାନିଧ୍ୟ ମଧ୍ୟ ପ୍ରାପ୍ତ ହୋଇଥାଏ । ପୁନଶ୍ଚ ସେଥିରେ ସେ ଆଗକୁ ବଢ଼ି ଚାଲିଥାଏ । ଏହି ନିକଟତା ଏପରି ନୁହେଁ, ଯାହାକି ଗୋଟିଏ ସ୍ଥାନରେ ପହଞ୍ଚି ଅଟକି ଯାଏ, ଅଲ୍ଲାଃତାଲା ସେହି ନିକଟତା ଯୋଗୁଁ ପ୍ରାର୍ଥନାଗୁଡ଼ିକୁ ମଧ୍ୟ ସ୍ୱୀକାର କରିବେ । ସୁତରାଂ ରମଜାନ ମାସରେ ଆମମାନଙ୍କୁ ଏହି ସ୍ତର ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ । ଅଲ୍ଲାଃତାଲା ପ୍ରାର୍ଥନା ସ୍ୱୀକାର କରିବା ସଂକ୍ରାନ୍ତରେ କେତେକ ସର୍ତ୍ତ ମଧ୍ୟ ନିର୍ଦ୍ଧାରିତ କରିଛନ୍ତି । ଯେଉଁଥିରେ ପ୍ରଥମ (ସର୍ତ୍ତ) ହେଉଛି, ତାଙ୍କର ଭକ୍ତ ହୋଇ ରହିବାକୁ ହେବ । ନିଷ୍ଠାର ସହିତ ତାଙ୍କ ଉପାସନା କରିବାକୁ ହେବ । ତାହାଙ୍କୁ ସକଳ ଶକ୍ତିର ଉତ୍ସ ବୁଝିବାକୁ ହେବ, କଦାପି କୌଣସି ମିଥ୍ୟା ଉପାସ୍ୟ ଗଢ଼ି ନେବ ନାହିଁ । **ନଚେତ୍ ତାହା ତୁମକୁ ଶିରକ୍ ଆଡ଼କୁ ଘେନି ନେଇଯିବ ।** ସବୁଠାରୁ ବଡ କଥା ହେଉଛି, ଅଲ୍ଲାଃତାଲାଙ୍କ ଠାରୁ ତାଙ୍କ ଦୟା ଓ ଅନୁକମ୍ପା ଭିକ୍ଷା କର ଏବଂ ତାଙ୍କ ଆଦେଶ ପାଳନ କରିବାକୁ ଉଦ୍ୟମ କର ।

ହଜରତ ମୁହମ୍ମଦ[ସ.ଅ] (ହଦିସ୍‌ର) ଅଗଣିତ ସ୍ଥାନରେ ଆମମାନଙ୍କୁ ସତ୍‌କର୍ମ କରିବାକୁ ଧ୍ୟାନ ଆକର୍ଷିତ କରିଛନ୍ତି । ହଜରତ ମସିହ ମଉଦ[ଅ.ସ] ମଧ୍ୟ ଏଥିପ୍ରତି ବାରମ୍ବାର ଆମମାନଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି । ବୈଅତ୍‌ର ଦଶ ସର୍ତ୍ତବଳୀରେ ଅଧିକାଂଶ ସର୍ତ୍ତ ଏହା ରହିଛି ଯେ, ଅଲ୍ଲାଃ ଓ ତାଙ୍କ ଭକ୍ତର କର୍ତ୍ତବ୍ୟ ସଂପାଦନ ପ୍ରତି ମନୋଯୋଗ କର । ଅତଃ ଆମମାନଙ୍କୁ ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ୍ । ଯେତେବେଳେ ଆମେ ଏପରି କରିବା ତେବେ ସୁନିଶ୍ଚିତ ରୂପେ ଈଶ୍ୱର ଆମମାନଙ୍କର ପରମ ଶଖା ଓ ବନ୍ଧୁ ହୋଇଯିବେ ଏବଂ ଆମ ଦୁଆ ସ୍ୱୀକାର କରିବେ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ଅଲ୍ଲାଃତାଲା ସେହିମାନଙ୍କର ଦୁଆ ସ୍ୱୀକାର କରିଥାନ୍ତି ଯେ, ଅଧୈର୍ଯ୍ୟତା ପ୍ରଦର୍ଶନ କରି ନଥାନ୍ତି । ଆଉ ଏପରି ଉକ୍ତି ନିଃସୃତ କରି ନଥାନ୍ତି ଯେ, ମୁଁ ବହୁତ ଦୁଆ କଲି କିନ୍ତୁ ସେ ତ ମୋର ଡ଼ାକ ଶୁଣୁ ହିଁ ନାହାନ୍ତି । ମହୋଦୟ କହିଲେ; ଏହା ହେଉଛି କୁଫର୍ (ଅସ୍ୱୀକାର) କରିବା ଏବଂ ଅଲ୍ଲାଃତାଲାଙ୍କ ଠାରୁ ଦୂରକୁ ନେଇଯିବା (ମୂଳକ) ଉକ୍ତି ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏହା ତ ଦୁଇ ବନ୍ଧୁଙ୍କର ବିଷୟ । କଦାଚିତ ବନ୍ଧୁ ନିଜ ବନ୍ଧୁର କଥା ମାନି ନେଇଥାଏ ତ କଦାଚିତ ନିଜ କଥା ମନେଇଥାଏ । ଏହିପରି ପରମେଶ୍ୱର କରିଥାନ୍ତି କିନ୍ତୁ ପ୍ରକାଶ୍ୟରେ ଯେତେବେଳେ ସେ ଜଣେ ବିଶ୍ୱାକାରୀର ଦୁଆ ରଦ୍ଦ କରନ୍ତି ସେତେବେଳେ ସେଥିରେ ତାହାର କଲ୍ୟାଣ ଓ ମଙ୍ଗଳ ହିଁ ନିହିତ ଥାଏ । ହୁଜୁର[ଅ.ସ] କୁହନ୍ତି; ଯେବେ ଆମ୍ଭ ଭକ୍ତଗଣ ତୁମ୍ଭକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ଯେ, ପ୍ରଭୁଙ୍କର ବିଦ୍ୟମାନ ଥିବାର ପ୍ରମାଣ କ'ଣ ? ତେବେ (ସେ) ଏହାର ଉତ୍ତର ଦେଲେ ଯେ, ଆମ୍ଭେ ତାଙ୍କର ଖୁବ୍ ନିକଟରେ ଅଛୁ । କୌଣସି ବଡ଼ ଦଲିଲ୍‌ର ଆବଶ୍ୟକତା ନାହିଁ । ଅତି ସହଜରେ ଆମ୍ଭ ଉପସ୍ଥିତି ସଂକ୍ରାନ୍ତରେ ଭକ୍ତକୁ ପ୍ରମାଣ ମିଳି ଯାଇଥାଏ । ଆଉ ଏହାର ଦଲିଲ୍ ଏହିକି ଯେ, **ଯେବେ କୌଣସି ଦୁଆକାରୀ ଦୁଆ କରେ ସେତେବେଳେ ଆମ୍ଭେ ତାହା ଦୁଆକୁ ଶୁଣିଥାଉ ଏବଂ ନିଜ ଦୈବିବାଣୀ ମାଧ୍ୟମରେ ତାହାର କୃତକାର୍ଯ୍ୟ ହେବାର ତାହାକୁ ସୁସମାଚାର ପ୍ରଦାନ କରିଥାଉ ।** ପବିତ୍ର କୁରଆନରେ ଏହି ପଙ୍‌କ୍ତି ରହିଛି, ୟୁମିନୁନା ବିଲ୍‌ଗୈବି ହଜରତ ମସିହ ମଉଦ[ଅ.ସ] ଏହାର ଅତି ସୂକ୍ଷ୍ମ ବ୍ୟାଖ୍ୟା କରିଛନ୍ତି । ପୁଣ୍ୟଶ୍ଳୋକ କୁହନ୍ତି; ଗାଏବ୍ (ଅଦୃଶ୍ୟ) ମଧ୍ୟ ଈଶ୍ୱରଙ୍କର ଏକ ନାମ । ଦେଖ ପ୍ରତ୍ୟେକ ଦୁଆ ପୂର୍ବରୁ ଏହି ବିଶ୍ୱାସ ପୋଷଣ କରିବା ଅନିବାର୍ଯ୍ୟ ଯେ, ପରମେଶ୍ୱର ବିଦ୍ୟମାନ ଏବଂ ସେ ଅପରିମିତ ଗୁଣାବଳୀର ଅଧିକାରୀ । ଯଦି ଏହି ବିଶ୍ୱାସର

ସହିତ ଆଗକୁ ଅଗ୍ରସର ହେବ ତେବେଯାଇ ତୁମକୁ ଈଶ୍ୱରଙ୍କ ବାସ୍ତବତାର ସନ୍ଧାନ ମିଳିବ । ଏପରି ନୁହେଁ ଯେ, କେବଳ ରମଜାନ୍‌ରେ ନମାଜ ପାଠ କରିବା ପ୍ରତି ମନୋଯୋଗ କଲ । ଅଲ୍ଲାଃତାଲାଙ୍କର ଅଶେଷ କୃପା ଯେ, ଅହେମଦିମାନେ ନମାଜ ପାଠ କରିବା ପ୍ରତି ବିଶେଷ ଭାବରେ ଧ୍ୟାନ ଦେଇଥାନ୍ତି କିନ୍ତୁ ଦୁର୍ବଳତା ମଧ୍ୟ ପରିଲକ୍ଷିତ ହୋଇଥାଏ ।

ତେବେ ଆମମାନଙ୍କୁ ଏହି ରମଜାନ୍‌କୁ ଏପରି ରମଜାନ୍‌ରେ ପରିଣତ କରିବା ଉଚିତ୍ ଯାହାକି ଆମ ଉପାସନାର ସ୍ତରକୁ ଉର୍ଦ୍ଧ୍ୱଗାମୀ କରିବ, ଆମକୁ ଈଶ୍ୱରଙ୍କ ସାମିପ୍ୟତା ପ୍ରଦାନ କରିବ । ଯଦ୍ୱାରା ଆମେ ଈଶ୍ୱରଙ୍କ ନିଷ୍ପାପର ଭକ୍ତ ହୋଇପାରିବା । ଅତଃ ଏହି ରମଜାନ୍‌ରେ ଆମମାନଙ୍କୁ ଏହି ପ୍ରତିଜ୍ଞା କରିବା ଉଚିତ୍ ଯେ, ଆମ୍ଭେ ନିଜ ଉପାସନାକୁ ସଂଜୀବିତ କରିବା ଏବଂ ତାହା ସୁଚାରୁ ରୂପେ ପାଠ କରିବା ପାଇଁ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ ମଧ୍ୟ କରିବା । ହଜରତ ମୁହମ୍ମଦ[ସ.ଅ] କହିଲେ; ଦୁଆ ସେହି ବିପତ୍ତି ମୁକାବିଲାରେ ଯାହା ଆସି ଯାଇଛି ଓ ଯାହା ମାଡ଼ି ଆସୁଛି ଅର୍ଥାତ୍ ଆସନ୍ନ ପ୍ରାୟ, ସୁଫଳ ପ୍ରଦାନ କରିଥାଏ । ହେ ଅଲ୍ଲାଃଙ୍କ ଭକ୍ତଗଣ ! ତୁମମାନଙ୍କ ସକାଶେ ଅନିବାର୍ଯ୍ୟ ଯେ, ତୁମେ ପ୍ରାର୍ଥନାର ମାର୍ଗ ଅବଲମ୍ବନ କର । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଦେଖ କେବଳ ରମଜାନ୍‌ରେ ତ ବିପତ୍ତି ଓ ସମସ୍ୟା ଆସି ନଥାଏ । ବରଂ (ଜୀବନର) ବିଭିନ୍ନ ସମୟରେ ମନୁଷ୍ୟ ତାହାର ସମ୍ମୁଖୀନ ହୋଇଥାଏ ତେଣୁ ଅଲ୍ଲାଃତାଲା କହିଲେ; ତୁମେ କେବଳ ସେତେବେଳେ ଦୁଆ କର ନାହିଁ ଯେତେବେଳେ ବିପତ୍ତିର ସମ୍ମୁଖୀନ ହୁଅ । ବରଂ ମହାଭାଗ କହିଲେ; **ଦୁଆ ସେହି ଆସନ୍ନ ବିପତ୍ତିରୁ ଉଦ୍ଧାର କରିବାରେ ମଧ୍ୟ ସାହାଯ୍ୟ କରିଥାଏ, ଯାହାକି ଏଯାବତ୍ ଆସି ନାହିଁ ।** ତେଣୁ ତୁମମାନଙ୍କୁ ସର୍ବଦା ପ୍ରାର୍ଥନା କରୁଥିବା ଉଚିତ୍ ।

ହଜରତ ମୁହମ୍ମଦ[ସ.ଅ] କହିଲେ; ତୁମମାନଙ୍କ ପାଳନକର୍ତ୍ତା ପ୍ରତ୍ୟେକ ରାତ୍ରିରେ ଆକାଶର ନିମ୍ନ ଦେଶ ପର୍ଯ୍ୟନ୍ତ ଅବତରଣ କରିଥାନ୍ତି ଏବଂ ଯେତେବେଳେ ରାତ୍ରିର ତୃତୀୟ ପହର ପାହିଯାଏ ସେତେବେଳେ ସେ କୁହନ୍ତି; କିଏ ଅଛି ଯିଏ ମୋତେ ସ୍ମରଣ କରିବ ଓ ମୁଁ ତାହାକୁ ଉତ୍ତର ଦେବି । କିଏ ଅଛି ଯେ ମୋତେ ମାଗିବ ଓ ମୁଁ ତାହାକୁ ପ୍ରଦାନ କରିବି । ଆଉ କିଏ ଅଛି ଯେ ମୋ ଠାରୁ କ୍ଷମା ଯାଚନା କରିବ ଓ ମୁଁ ତାହାର ଦୋଷ ମାର୍ଜନ କରିବି । ତେବେ ଏହା କେବଳ ରମଜାନ ସହିତ ସର୍ତ୍ତ (ସୀମିତ) ନାହିଁ, ବରଂ ସାମାନ୍ୟ ଦିନଗୁଡ଼ିକର କଥା । ପୁଣ୍ୟଶ୍ଳୋକ କହିଲେ; **ଯେଉଁ ବ୍ୟକ୍ତି ଏହା କାମନା କହିଥାଏ, ଯେ ଅଲ୍ଲାଃତାଲା ବିପତ୍ତି ସମୟରେ ତାହାର ପ୍ରାର୍ଥନା ସ୍ୱୀକାର କରନ୍ତୁ ତେବେ ତାହା ପାଇଁ ଆବଶ୍ୟକ କି ସୁଖ ସମୃଦ୍ଧି ସମୟରେ ଅତ୍ୟଧିକ ଦୁଆ (ପ୍ରାର୍ଥନା) କରୁ ।** ସୁତରାଂ ଏହି କଥାଗୁଡ଼ିକୁ (ମନେରଖିବା) ଅତ୍ୟନ୍ତ ଜରୁରୀ, ଯେ ଆମ୍ଭର ନିଜ ସୃଷ୍ଟିକର୍ତ୍ତା ସହିତ ସମ୍ପର୍କ ସୁଦୃଢ଼ ହେବା ଉଚିତ୍ ।

ଗୋଟିଏ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି, ଯେ ମହାଭାଗ କହିଲେ; ଅଲ୍ଲାଃତାଲା କୁହନ୍ତି, ମୁଁ ଭକ୍ତର ବିଚାର (ପରିକଳ୍ପନା) ଅନୁଯାୟୀ ତାହା ସହିତ ଆଚରଣ କରିଥାଏ ଯେତେବେଳେ ଭକ୍ତ ମୋତେ ସ୍ମରଣ କରେ, ମୁଁ ତାହା ସହିତ ରହିଥାଏ । ଯଦି ସେ ଆମ୍ଭକୁ ଅନ୍ତରଆତ୍ମାରୁ ସ୍ମରଣ କରେ ତେବେ ଆମ୍ଭେ ତାହାକୁ ସେହିପରି ସ୍ମରଣ କରୁ । ଯଦି ସେ ଆମ୍ଭର ଚର୍ଚ୍ଚା ସଭା ସମିତିରେ କରିବ ତେବେ ଆମ୍ଭେ ତାହା ଠାରୁ ବଡ଼ ଧରଣର ସଭାରେ କରିବୁ । ଯଦି ସେ ଆମ୍ଭ ଆଡ଼କୁ ଚାଖଣ୍ଡେ ଆସିବ ତେବେ ଆମ୍ଭେ ତାହା ପ୍ରତି ହାତେ ଅଗ୍ରସର ହେବୁ । ଆଉ ଯଦି ସେ ଆମ୍ଭ ଆଡ଼କୁ ହାତେ ଆସିବ ତେବେ ଆମ୍ଭେ ତାହା ପ୍ରତି ଦୁଇହାତ ଚାଲିଯିବୁ । ଯଦି ସେ ଆମ୍ଭ ଆଡ଼କୁ ଚାଲିଚାଲି ଆସିବ ତେବେ ଆମ୍ଭେ ତାହା ପ୍ରତି ଦୌଡ଼ିଯିବୁ । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ପ୍ରତ୍ୟେକ ଅହେମଦିଙ୍କୁ ଚେଷ୍ଟା କରିବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କର ପ୍ରଶଂସା ଗାନ କରିବାରେ (ସର୍ବଦା) ନିଜ ଜିହ୍ୱାକୁ ଆର୍ଦ୍ର ରଖ । ଆମମାନଙ୍କ ପ୍ରତ୍ୟେକ କାର୍ଯ୍ୟକଳାପ ଏପରି ହେବା ଉଚିତ୍ ଯେ, ଆମ ପାଦ ଈଶ୍ୱରଙ୍କ ମାର୍ଗରେ ଆଗକୁ ବଢ଼ି ଚାଲିଥିବ । ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ନବୀଶ୍ରେଷ୍ଠ କହିଲେ; ଜୁନ୍‌ନୁନ୍ ଅର୍ଥାତ ୟୁନୁସ୍[ଅ.ସ] ଯେତେବେଳେ ମାଛ ପେଟରେ ଏହି ଦୁଆ କଲେ, ଲାଇଲାହା ଇଲ୍ଲା ଅନ୍ତା ସୁବ୍‌ହାନକା ଇନ୍ନି କୁନ୍ତୁ ମିନଜ୍ ଜାଲିମିନ୍ ମହାଭାଗ କହିଲେ, ଏହି ଦୁଆକୁ ଯେଉଁ ମୁସଲମାନ ମଧ୍ୟ କୌଣସି ବିପତ୍ତି ସମୟରେ ଆବୃତ୍ତି କରିବ ଅଲ୍ଲାଃତାଲା ତାହାର ଦୁଆ ନିଶ୍ଚିତ ରୂପେ ସ୍ୱୀକାର କରିବେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ଭକ୍ତମାନଙ୍କ ପ୍ରତି ଅତିବ ଦୟାଶୀଳ, ସେ ସ୍ୱୟଂ ଭକ୍ତମାନଙ୍କୁ ଦୁଆ ଶିଖାଇଛନ୍ତି । ପବିତ୍ର କୁରଆନରେ ଯେଉଁ ଦୁଆଗୁଡ଼ିକର ଶିକ୍ଷା ଦିଆଯାଇଛି । ତାହା ଏଥିସକାଶେ ଯେ,

ଆମେମାନେ ସେହିଗୁଡ଼ିକୁ ଆବୃତ୍ତି କରିବା ଯଦ୍ଦ୍ୱାରା ପ୍ରଭୁ ତାହା ସ୍ୱୀକାର କରିବେ କିନ୍ତୁ ସର୍ତ୍ତ ଏହିକି ଯେ, ସର୍ବପ୍ରଥମେ ଆମେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା । ହଜରତ ମସିହ ମଉଦ ଅ.ସ ଏହି ଦୁଆ ସଂକ୍ରାନ୍ତରେ କୁହନ୍ତି; ଏଥିରୁ ଗୋଟିଏ କଥା ଶିଖିବାକୁ ମିଳେ ଯେ, ଭାଗ୍ୟଲେଖାକୁ ମଧ୍ୟ ପ୍ରଭୁ ପରିବର୍ତ୍ତନ କରି ଦେଇଥାନ୍ତି । ବିଳାପ, ଆର୍ତ୍ତରୋଦନ ଓ ସଦ୍‌କା (ଦାନଧାନ) ଯାହାକି ୟୁନୁସ୍ ଅ.ସଙ୍କ ସମ୍ପ୍ରଦାୟ କରିଥିଲେ, ଫଳରେ କରିଥିବା (ଜଘନ୍ୟ) ଅପରାଧର ଦଣ୍ଡକୁ ମଧ୍ୟ ରଦ୍ଦ କରିଦେଇଥାଏ । ପୁଣ୍ୟଶ୍ଳୋକ କହିଲେ; ଯେଉଁ ଲୋକମାନେ ବିପତ୍ତି ଆସିବା ପୂର୍ବରୁ (ସେଥିରୁ ମୁକ୍ତି ପାଇବା)ର ଦୁଆ କରିଥାନ୍ତି ଏବଂ କ୍ଷମା ପ୍ରାର୍ଥନା କରିଥାନ୍ତି ଓ ସଦ୍‌କା କରିଥାନ୍ତି । ଅଲ୍ଲାଃତାଲା ସେମାନଙ୍କ ଉପରେ କୃପାଶିଷ କରିଥାନ୍ତି ଏବଂ ସେମାନଙ୍କୁ ଆସନ୍ନ ଶାସ୍ତିରୁ ରକ୍ଷା କରି ଦେଇଥାନ୍ତି ।

ମହାମାନ୍ୟ ହୁଜୁର ଅନଓ୍ୱର ଅ.ବ କହିଲେ; ବିଗତ ଦିନରେ ମୁଁ କିଛି ଦୁଆ ପାଠ କରିବାକୁ ଆହ୍ୱାନ ଦେଇଥିଲି, ସେଥିରେ କ୍ଷମା ଯାଚନା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଥିଲି । ହଜରତ ମସିହ ମଉଦ ଅ.ସ କୁହନ୍ତି; **କ୍ଷମା ଯାଚନା କରିବା ଏକ ଢ଼ାଲ ।** ଅତଃ ଏଥିପ୍ରତି ମନୋଯୋଗ କରି (ପ୍ରଭୁଙ୍କ ଠାରୁ) ଅତ୍ୟଧିକ କ୍ଷମା ଯାଚନା କରନ୍ତୁ । ସ୍ୱଚ୍ଛ ମନରେ ଦୁଆ କରନ୍ତୁ, ରମଜାନ୍ ପରେ ମଧ୍ୟ ଦୁଆ ଓ ସତ୍‌କର୍ମ କରିବାର ପ୍ରୟାସ ଜାରି ରଖନ୍ତୁ । ତା'ପରେ ଦେଖିବ ଯେ, ପରମେଶ୍ୱର କିପରି ତୁମ ନିକଟକୁ ଦୌଡ଼ି ଆସିବେ ଓ ତୁମକୁ ପାଛୋଟି ନେବେ ।

ପ୍ରିୟ ହୁଜୁର ଅନଓ୍ୱର ଅ.ବ ଦୁଆ କରିବା ପ୍ରତି ଆହ୍ୱାନ ଜଣାଇ କହିଲେ; ସମ୍ପ୍ରତି ବିଶ୍ୱର ଯେପରି ଉତ୍କଟ ପରିସ୍ଥିତି ରହିଛି, ପାକିସ୍ତାନ, ବଙ୍ଗଳାଦେଶ, ଉପଦ୍ୱୀପ ଓ ଆଫ୍ରିକାର କେତେକ ଦେଶ ଯେଉଁସ୍ଥଳେ କେତେକ (ଚରମପନ୍ଥୀ) ଦଳ ନିଜ ଅଧୀନରେ ଅଞ୍ଚଳବାସୀଙ୍କୁ ରଖିଛନ୍ତି ଅଥବା ସେମାନେ (ମଝିରେ ମଝିରେ) ଆକ୍ରମଣ କରୁଛନ୍ତି । ଆଉ ପ୍ରଶାସନ ମଧ୍ୟ ସେମାନଙ୍କୁ ଭୟ କରି ତାଙ୍କ କଥା ମୁଣ୍ଡପାତି ଗ୍ରହଣ କରିନେଉଛି । ଏପରି ପରିସ୍ଥିତିରେ ଆମମାନଙ୍କୁ ଦୁଆ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଏହି ଅତ୍ୟାଚାରୀମାନଙ୍କ କବଳରୁ ମୁକ୍ତି ପ୍ରଦାନ କରନ୍ତୁ । ସେ ସ୍ୱୟଂ ତାହାର ପ୍ରତିଶୋଧ ନିଅନ୍ତୁ । ଯେତେବେଳେ ଆମେ ଏପରି ଦୁଆ କରିବା ତେବେ ନିଶ୍ଚିତ ରୂପେ ପ୍ରଭୁ ଏକ ମହାନ ବିପ୍ଳବ ଅଣିଦେବେ ।

ହଜରତ ମସିହ ମଉଦ ଅ.ସ କୁହନ୍ତି; କୃପା ଲାଭ କରିବାର ସବୁଠାରୁ ସରଳ ଉପାୟ ହେଉଛି ଦୁଆ ଏବଂ ଦୁଆର ସର୍ବୋତ୍ତମ ପନ୍ଥା ଏହିକି ଯେ, ସେଥିରେ ରୋଦନ, ବ୍ୟାକୁଳ ଓ ଆତୁରତା ଉତ୍ପନ୍ନ କରିବା । ଦୁଆ କରିବା ପ୍ରତି ଆମମାନଙ୍କୁ ବିଶେଷ ମନୋଯୋଗ କରିବାର ଆବଶ୍ୟକତା ରହିଛି । ଅଲ୍ଲାଃ ଆମେ ଏହି ରମଜାନ୍‌କୁ ଏପରି ରମଜାନ୍‌ରେ ପରିଣତ କରି ଦିଅନ୍ତୁ ଯାହାକି ଦୁଆ ସ୍ୱୀକାର ହେବାର ରମଜାନ୍ ସିଦ୍ଧ ହେବ । ନିଜ ଭିତରେ ଏକ ସ୍ଥାୟୀ ପବିତ୍ରତାର ପରିବର୍ତ୍ତନ ସୃଷ୍ଟିକାରୀ ରମଜାନ୍ ସାବ୍ୟସ୍ତ ହେବ । ଅଲ୍ଲାଃତାଲା ଆମମାନଙ୍କୁ ସମସ୍ତ ଶତ୍ରୁ ଓ ଅତ୍ୟାଚାରୀମାନଙ୍କ କବଳରୁ ମୁକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

★★★ ★★★ ★★★ ★★★

Khulasa Khutba Juma Huzoor Anwar a.b.a

7th March 2025

*Translated to Odia by :* Moulavi Anwar Ahmad Khan